## ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସ

# ବିଦ୍ୟାର୍ଥୀଙ୍କ ରୁଚି ଅନୁସାରେ ଶିକ୍ଷା ଦେବା ଉଚିତ୍

ସମ୍ବଲପୁର, ୧୦।୬ (ବ୍ୟୁରୋ)– ଛାତ୍ରୀଛାତ୍ରଙ୍କ ଭିତରେ ଅନେକ ଗୁଣାବଳୀ ଲୁଚି ରହିଛି । ଅନ୍ତର୍ନିହିତ ଗୁଣକୁ ଜାଣିପାରିଲେ ସେମାନଙ୍କର ବିକାଶ ହେବ । ଆମେ ତାଙ୍କର ଗୁଣାବଳୀ ଉପରେ ଦୃଷ୍ଟି ନଦେଇ, ନିଜ ଇଚ୍ଛାକୁ ତାଙ୍କ ଉପରେ ଲଦି ଦେଉଛୁ । ଫଳରେ ନୂତନ ପିଢ଼ୀର ଶିକ୍ଷାର୍ଥୀ ପୁରାତନ ଶିକ୍ଷାକୁ ଗ୍ରହଣ କରିବାକୁ ରାଜି ହେଉନାହାନ୍ତି । ତେଣୁ ବିଦ୍ୟାର୍ଥୀଙ୍କ ରୁଚି ଅନୁସାରେ ଉତ୍ତମ ଶିକ୍ଷାଦେବା ଜରୁରୀ । ଏଭଳି କଲେ ବିଦ୍ୟାର୍ଥୀ ଓ ଦେଶର ଭବିଷ୍ୟତ ଉଜ୍ଜ୍ୱଳ ହେବ । ଶନିବାର ସମ୍ବଲପୁରସ୍ଥିତ ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ପ୍ରତିଷ୍ଠା ଦିବସ ଉତ୍ସବରେ ମୁଖ୍ୟଅତିଥି ଇନ୍ଦିରା ଗାନ୍ଧି ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ରବିନ୍ଦ୍ର କୁମାର ଏହା କହିଛନ୍ତି । ସମ୍ମାନୀତ ଅତିଥି ଭାବେ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁଧାଂଶୁ ଶେଖର ରଥ, ସିଇଏମସିଏ ନିର୍ଦ୍ଦେଶକ ଡ. ସହୀଦ ରସୁଲ୍ ଯୋଗଦେଇ ଶିକ୍ଷା ଏକ ଜୀବନ ବ୍ୟାପି ପ୍ରକ୍ରିୟା । ଯୁବ ଗୋଷ୍ଠୀଙ୍କୁ ଉନ୍ନତ ଶିକ୍ଷା ପ୍ରଦାନ କଲେ ସେମାନେ ଦେଶ ତଥା ଜାତିର ଉନ୍ନତି କରିପାରିବେ । ଏହା ସହ ଶିକ୍ଷା ପାଇଁ କୌଣସି ଭୌଗୋଳିକ କିମ୍ବା ଅର୍ଥନୈତିକ ପ୍ରତିବନ୍ଧକ ହେବ ନାହିଁ ବୋଲି କହିଥିଲେ । ଏହି ଅବସରରେ ମୁକ୍ତ ବିଶ୍ୱବିଦ୍ୟାଳୟର ୨୦୧୭ ବର୍ଷ ପାଇଁ ଏକ ପ୍ରୋଫାଇଲ ଉନ୍ମୋଚିତ ହୋଇଥିଲା । ଏହା ସହ ଶିକ୍ଷାର୍ଥୀଙ୍କ ପାଇଁ ଦୃଶ୍ୟ ଓ ଶ୍ରାବ୍ୟ ଥିବା ଇ-ଜ୍ଞାନଗାର, ଓଏସଓୟୁର ମୋବାଇଲ ଆପ୍ ଏବଂ ମୁକ୍ତ ବିଶ୍ୱବିଦ୍ୟାଳୟ ଓ ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟ ମଧ୍ୟରେ ଓଏମ୍ୟୁ ସ୍ୱାକ୍ଷର ହୋଇଥିଲା । ମୁକ୍ତ ବିଶ୍ୱବିଦ୍ୟାଳୟର କୁଳସଚିବ ଡ. ଜୟନ୍ତ କର ଶର୍ମା ଅତିଥି ପରିଚୟ ପ୍ରଦାନ କରିଥିଲେ । କୁଳପତି ଡ. ଶ୍ରୀକାନ୍ତ ମହାପାତ୍ର ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ । ପ୍ରଶଂସା ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ଏକାଡେମୀ ପରାମର୍ଶଦାତା ଜ୍ୟୋତି ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।






ଶନିବାର ସମ୍ବଲପୁରସ୍ଥିତ ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ ପ୍ରତିଷ୍ଠା ଦିବସରେ ଅତିଥିମାନେ ପ୍ରୋଫାଇଲ୍ ଉନ୍ମୋଚନ କରୁଛନ୍ତି (ଉପର)। ମଞ୍ଚ ସମ୍ମୁଖରେ ବସିଥିବା ଦର୍ଶକ ।